**ସଂକ୍ଷେପରେ**



## ରଥଯାତ୍ରା ନେଇ ମୁନିଗୁଡ଼ା ଚଳଚଞ୍ଚଳ

**ମୁନିଗୁଡ଼ା,୩।୭(ଡ଼ି.ଏନ.ଏ):** ରଥଯାତ୍ରା ନେଇ ମୁନିଗୁଡ଼ା ସହର ଚଳଚଞ୍ଚଳ ହୋଇପଡ଼ିଛି । ରଥଯାତ୍ରା କମିଟି ଓ ମନ୍ଦିର ପରିଚାଳନା ସମନ୍ୱିୟ ସମିତିର ମିଳିତରେ ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ମୁନିଗୁଡ଼ା ବ୍ରାହ୍ମଣ ସମାଜର ସଦସ୍ୟମାନଙ୍କ ଦ୍ୱାରା ଓ ମା ଠାକୁରାଣୀ ଖୋରୁଡ଼ା ସମାଜର ଘଣ୍ଟ ବାଦ୍ୟର ତାଳେ ତାଳେ ପୂର୍ବାହ୍ନ ୧୦ଟାରେ ତିନି ଠାକୁରଙ୍କୁ ପହଣ୍ଡି କରାଯାଇ ରଥ ଉପରେ ବିରାଜମାନ କରାଯିବ। ଅନ୍ୟପଟେ ପଞ୍ଚାୟତ କାର୍ଯ୍ୟାଳୟ ତରଫରୁ ମନ୍ଦିର ସମ୍ମୁଖରୁ ଗୁଣ୍ଡିଚା ମନ୍ଦିର ବା ବଡ଼ଦାଣ୍ଡରେ ରାସ୍ତାର ଦୁଇ ପାର୍ଶ୍ୱକୁ ସଫାସୁତୁରା କରାଯାଇଛି । ପୋଲିସ ପ୍ରଶାସନ ତରଫରୁ ଦୁଇ ପାର୍ଶ୍ୱରେ ଥିବା ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇଛି । ଏଥିସହ ଯାନବାହାନ ଯାତାୟତ ପାଇଁ କଡ଼ା ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା ମଧ୍ୟ କରାଯାଇଛି । ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଛି ବୋଲି ମୁନିଗୁଡ଼ା ଏସଡ଼ିପିଓ ଚନ୍ଦ୍ରଶେଖର ହୋତା ଓ ଆଇଆଇସି ରାଜେନ୍ଦ୍ର ଦେହୁରୀ ସୂଚନା ଦେଇଛନ୍ତି । ସେହିପରି ଗୁଣ୍ଡିଚା ମନ୍ଦିରଠାରେ ମଧ୍ୟ ତିନି ଠାକୁର ପହଞ୍ଚିବା ପରେ ରୀତିନୀତି ଅନୁସାରେ ସମସ୍ତ ପ୍ରକାର ପ୍ରସ୍ତୁତି ହୋଇଥିବା ନେଇ ମନ୍ଦିରର ମୁଖ୍ୟ ସେବକ ନରୋତ୍ତମ ଦାସ ଓ ଶ୍ୟାମସୁନ୍ଦର ଦାସ ପ୍ରକାଶ କରିଛନ୍ତି। ତେବେ ପହଣ୍ଡି ପରେ ଛେରାପହଁରା କରାଯାଇ ୩ ଟାରେ ରଥଟଣା ଆରମ୍ଭ ହେବ ବୋଲି କମି

## ପଦ୍ମପୁରରେ ବନ ମହୋତ୍ସବ



**ପଦ୍ମପୁର,୩।୭(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ପଦ୍ମପୁର ମୁଚିକାପଦର ଛକ ନିକଟରେ ବୁଧବାର ଅଶୋକ କୁମାର ପ୍ରଧାନଙ୍କ ଆହ୍ୱାନକ୍ରମେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁର ତହସିଲଦାର ନୀଳମାଧବ ମାଝି, ପଦ୍ମପୁର ବନପାଳ ଦାମୋଦର ମିଶ୍ର, ଗୁଣପୁର ବନପାଳ ନୀଳମାଧବ ପାଢୀ,ବନରକ୍ଷୀ ନିମାଇ ଆନନ୍ଦ, ନରସିଂହ ଶତପଥୀ, ସ୍ଥାନୀୟ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର, ସ୍ଥାନୀୟ ସରପଞ୍ଚ,ଯୁବ ସଂଗଠକ ପ୍ରମୁଖ ଯୋଗ ଦେଇ ପୋଖରୀହୁଡ଼ାରେ ବିଭିନ୍ନ ମୂଲ୍ୟବାନ ବୃକ୍ଷ ରୋପଣ କରି ତାର ଯତ୍ନ ଦେବା ପାଇଁ ଶପଥ ନେଇଥିଲେ । ଏଥିରେ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜାଉିଲି ବନରକ୍ଷୀ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।

■ଝୋଡିଆଙ୍କୁ ଆଦିବାସୀ ମାନ୍ୟତା

# ଦାବି ଉଠାଇଲେ ମକରନ୍ଦ

**ରାୟଗଡା ଅଫିସ୍, ୩।୭**

ରାୟଗଡ଼ାରେ କିଛିବର୍ଷ ହେବ ଝୋଡିଆଙ୍କୁ ଆଦିବାସୀ ମାନ୍ୟତା ଦାବି ହୋଇ ଆସୁଛି । କିନ୍ତୁ ଝୋଡିଆଙ୍କ ଦାବିର ସମାଧାନ ସରକାର କରୁନାହାଁନ୍ତି । ବୁଧବାର ରାୟଗଡା ବିଧାୟକ ମକରନ୍ଦ ମୁଦୁଲି କେନ୍ଦ୍ର ଆଦିବାସୀ କଲ୍ୟାଣମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ସାକ୍ଷାତ କରି ଏହି ଦାବି ଦୋହରାଇଛନ୍ତି । ଝୋଡିଆଙ୍କ ଅସୁବିଧା ଓ ଦାବି ସମ୍ପର୍କରେ ବିଭାଗୀୟ ମନ୍ତ୍ରୀଙ୍କୁ ଜଣାଇଥିଲେ । ଝୋଡିଆ ସମ୍ପ୍ରଦାୟର ଲୋକେ ଦୀର୍ଘ ୨୨ ବର୍ଷ ହେବ ଆଦିବାସୀ ମାନ୍ୟତା ଦାବି କରି ଆସୁଛନ୍ତି । ଏଥିପାଇଁ ସେମାନଙ୍କ ଏକ ପ୍ରତିନିଧି ଦଳ ବାରମ୍ବାର ଦିଲ୍ଲୀଠାରେ ବିଭିନ୍ନ ସମୟରେ କେନ୍ଦ୍ର ମନ୍ତ୍ରୀମାନଙ୍କୁ ଭେଟି ନିଜ ଦାବି ଉପସ୍ଥାପନ କରିଛନ୍ତି । ଆଉ ଚଳିତ ବର୍ଷ ଜାନୁୟାରୀ ୧୨ରେ ତତ୍‌କାଳୀନ କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରୀ ଜୁଏଲ ଓରାମ ଓ ଫେବୃୟାରୀ ୮ରେ ରାଜ୍ୟପାଳ ଗଣେଷୀ ଲାଲଙ୍କୁ ଝୋଡିଆଙ୍କ ଏକ ଟିମ୍ ଭେଟି ଦାବି ଉପସ୍ଥାପନ କରିଥିଲେ । ତୁରନ୍ତ ଝୋଡିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ସହ ପରଜା ଉପମାନ୍ୟତା ଦେବାକୁ ଦାବି କରିଥିଲେ । ସୂଚନାଯୋଗ୍ୟ ଯେ, ରାୟଗଡା ଜିଲାର କାଶୀପୁର ଓ କଲ୍ୟାଣସିଂହପୁର, କୋରାପୁଟ ଜିଲାର ଦଶମନ୍ତପୁର ଓ ଲକ୍ଷ୍ମୀପୁର ଏବଂ କଳାହାଣ୍ଡି ଜିଲାର ଥୁଆମୂଳରାମପୁର ବ୍ଲକ୍‌ରେ ୮୦ ହଜାରରୁ ଉର୍ଦ୍ଧ୍ୱ ଝୋଡିଆ ସମ୍ପ୍ରଦାୟର ଲୋକ ବସବାସ କରୁଛନ୍ତି । ୧୯୯୭ ମସିହା ପର୍ଯ୍ୟନ୍ତ ଝୋଡିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦିଆଯାଉଥିଲା । କିନ୍ତୁ ସରକାରୀ ସ୍ତରରେ ତ୍ରୁଟି ଓ ଏହାପରେ ଦେଖା ଦେଇଥିବା ଅବ୍ୟବସ୍ଥା ଯୋଗୁ ତାହା ପରଠାରୁ ଝୋଡିଆମାନେ ଆଦିବାସୀ ମାନ୍ୟତା ପାଇବାରୁ ବଞ୍ଚିତ ହେଉଛନ୍ତି । ସରକାରୀ ସ୍ତରରେ ଯେଉଁ ତ୍ରୁଟି ଘଟିଛି ତାହା ତର୍ଜମା କରିବା ପାଇଁ ଏହି ସମ୍ପ୍ରଦାୟ ଦୀର୍ଘ ୨୨ବର୍ଷ ହେବ ଦାବି ଜଣାଇ ଆସୁଛନ୍ତି । ହେଲେ ସେଥିରେ ପରିବର୍ତ୍ତନ ଘଟୁନି । ଝୋଡିଆଙ୍କୁ ଆଦିବାସୀ ମାନ୍ୟତା ଏକ ବଡ ପ୍ରସଙ୍ଗ ଭାବେ ଉଭା ହେବାର ସମ୍ଭାବନା ରହିଛି । କାରଣ ଝୋଡିଆ ନେତା ମକରନ୍ଦ ହେଉଛନ୍ତି ବର୍ତ୍ତମାନ ରାୟଗଡା ବିଧାୟକ । ସବୁଠାରୁ ବଡ କଥା ହେଲା ଝୋଡିଆ ସମ୍ପ୍ରଦାୟର କିଛି ଲୋକ ଆଦିବାସୀ ମାନ୍ୟତା ପାଇଥିବା ବେଳେ ସିଂହଭାଗ ଏଥିରୁ ବଞ୍ଚିତ ହେଉଛନ୍ତି। ମକରନ୍ଦଙ୍କ ସାକ୍ଷାତ ସମୟରେ ପୂର୍ବତନ ବିଧାୟକ ତଥା ବିଏସ୍‌ପି ନେତା କୃଷ୍ଣଚନ୍ଦ୍ର ସଗରିଆ ଉପସ୍ଥିତ ଥିଲେ । ଆଉ କୃଷ୍ଣଙ୍କ ଉପସ୍ଥିତି ମକରନ୍ଦଙ୍କ ସହ ନେଇ ବିଭିନ୍ନ ଆଲୋଚନା ହେଉଛି ।



ବିଧାୟକ ମକରନ୍ଦ ମୁଦୁଲି କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଦାବିପତ୍ର ଦେଉଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁସଙ୍ଗତିରେ ସାଙ୍ଗ ହେଲେ**
**ଲୁହାର ଘଣ୍ଟି ବାଜେ**
**ସୁସଙ୍ଗତିରେ ସାଙ୍ଗ ହେଲେ**
**ସୁନାର ଘଣ୍ଟିବାଜେ ।**

କୁ-ବନ୍ଧୁ ବା କୁସଙ୍ଗତିରେ ପଡ଼ିଲେ ସମାଜରେ ନିନ୍ଦିତ ହେବାକୁ ପଡ଼ିଥାଏ । ତିରସ୍କାର ମିଳିବା ସହ ଦୁର୍ଭାଗ୍ୟ ଅର୍ଜିବା ହିଁ ସାର ହୋଇଥାଏ । ସେହିପରି ଉତ୍ତମ ବା ସୁପୁରୁଷ ସଙ୍ଗେ ବନ୍ଧୁତା ସ୍ଥାପନ କଲେ ଜୀବନରେ ଅଗ୍ରଗତି ଘଟିଥାଏ । ଭଲମନ୍ଦ ଅବଗତ କରାଇବା ସହ ସେମାନଙ୍କ ସୁପରାମର୍ଶ ଅନେକ ପ୍ରକାରର ବିପଦରୁ ରକ୍ଷା କରିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି ।

**କଅଁଳା ବାଛୁରୀ କାନ**
**ନନା ଦେଇଥିଲେ କନିଆଦାନ**
**ହାଣ୍ଡିଶାଳେ ଗଲା ଦିନ ।**

ବାପଘରେ ଝିଅ ବେଶ୍ ଫୁଲାଫାଙ୍କିଆ ହୋଇଥାଏ । କିନ୍ତୁ ଯେତେବେଳେ ସେ ବାହାହୋଇ ଶାଶୁଘରକୁ ଆସେ ସେତେବେଳେ ତା'ର ଦାୟିତ୍ୱ ବହୁ ପରିମାଣରେ ବଢ଼ିଯାଇଥାଏ । ରନ୍ଧାବଢ଼ାଠାରୁ ଆରମ୍ଭ କରି ଘରର ସବୁ ଟିକିନିଖି କାମ ତୁଲାଇବାକୁ ପଡ଼ିଥାଏ । ଶାଶୁଘରର କାର୍ଯ୍ୟବ୍ୟସ୍ତତାରେ ଧନ୍ଦି ହୋଇ ପଡୁଥିବା ବୋହୂ ବାପଘରର ସୁଖକୁ ଝୁରିହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ଗୁଣପୁରରେ କେନ୍ଦ୍ରୀୟ ବିଦ୍ୟାଳୟ

# ୫ରୁ ମିଳିବ ଫର୍ମ

**ଗୁଣପୁର,୩।୭(ଡି.ଏନ.ଏ)**

ଗୁଣପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟରେ ନାମ ଲେଖିବା ପାଇଁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ୫ ରୁ ୨୫ ତାରିଖ ପର୍ଯ୍ୟନ୍ତ ବିନାମୂଲ୍ୟରେ ନାମଲେଖା ନିମନ୍ତେ ଫର୍ମ ଉପଲବ୍ଧ ହେବ । ପୁରୁଣା ଷ୍ଟେଟ ବ୍ୟାଙ୍କ ସାହିସ୍ଥିତ ବେଲ ହଷ୍ଟେଲ ପରିସରରେ ଏହାର ଅସ୍ଥାୟୀ କୋଠାରେ ସକାଳ ୮ଟାରୁ ୨ଟା ମଧ୍ୟରେ ଫର୍ମ ମିଳିବ । ଦୀର୍ଘ ଦିନର ଦାବି ପୂରଣ ହୋଇଥିବାରୁ ନବ ନିର୍ମାଣ ସମିତି ଅଧ୍ୟକ୍ଷ ଅକ୍ଷୟ ଦାସ ପ୍ରଶାସନିକ ଅଧିକାରୀଙ୍କ ସମେତ ଲୋକ ପ୍ରତିନିଧିମାନଙ୍କୁ କୃତଜ୍ଞତା ପ୍ରଦାନ କରିଛନ୍ତି । ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ୧ମରୁ ୫ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ନାମଲେଖା କରାଯିବାକୁ ସ୍ଥିର ହୋଇଛି । ଜୁନ ୪ ତାରିଖରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ନାମରେ ଜମି ପଞ୍ଜୀକରଣ ପ୍ରକ୍ରିୟା ସରିଥିଲା । ଗୁଣପୁର ତହସିଲ ଅଫିସ ନିକଟରେ ଥିବା ୮ ଏକର ଜମିକୁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ନାମରେ ଲିଜ୍‌ସୂତ୍ରରେ ପଞ୍ଜୀକରଣ ହୋଇଥିଲା । ଏଥିସହ ଗତ ୨୦ ତାରିଖରେ ସ୍କୁଲ ନିମନ୍ତେ ବେଲ ହଷ୍ଟେଲ ଏବଂ ଆସବାବ ପତ୍ର ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ପ୍ରଦାନ ପ୍ରକ୍ରିୟା ସରିଥିଲା । ଏହି ସମସ୍ତ ପ୍ରକ୍ରିୟା କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ନାମରେ ସରିବା ପରେ ସ୍କୁଲ ଖୋଲିବା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି ।



ରଥ ଟାଣିବା ପାଇଁ ଛାତ୍ରୀଛାତ୍ରମାନେ ପ୍ରସ୍ତୁତ ହେଉଛନ୍ତି।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ରଥଯାତ୍ରା

**ରାୟଗଡା ଅଫିସ୍, ୩।୭**

ରାୟଗଡା ନ୍ୟୁକଲୋନୀସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପ୍ରାଙ୍ଗଣରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଘଣ୍ଟ, ମାଦଳ ଓ ହୁଳହୁଳି ସହ ରଥଟଣା କାର୍ଯ୍ୟକ୍ରମ ବେଶ ଧୂମ୍‌ଧାମ୍‌ରେ ପାଳିତ ହୋଇଥିଲା । ବିଦ୍ୟାଳୟର ଛାତ୍ରୀଛାତ୍ର ଶ୍ଳୋକ ଗାନ, ଗୀତ ଓ ବକ୍ତୃତା ଦେଇ ରଥଯାତ୍ରାର ବିଶେଷତ୍ୱ ଉପରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଉଦ୍ୟମ କରିଥିଲେ। ବିଦ୍ୟାଳୟ ପରିଚାଳକ ଅକ୍ଷୟ କୁମାର ପ୍ରଧାନ ଓ ଅଧକ୍ଷ ନିରଞ୍ଜନ ପାତ୍ରଙ୍କ ନେତୃତ୍ୱରେ ଏହା ଆୟୋଜିତ ହୋଇଥିଲା ।

## ଚୋରି ଘଟଣାରେ ୨ ବାଂଲାଦେଶୀ ମହିଳା ଶରଣାର୍ଥୀ ଗିରଫ

**ଗୁଣପୁର,୩।୭(ଡି.ଏନ.ଏ)**

ଗୁଣପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ସତ୍ୟମଗୁଡା ଗ୍ରାମର ଜି.ଗିରିବାବୁଙ୍କ ଘରେ ଚୋରି ହୋଇଥିଲା । ଏହି ଘଟଣାରେ ପୋଲିସ ୨ ବାଂଲାଦେଶୀ ମହିଳା ରିଫ୍ୟୁଜିଙ୍କୁ ଗିରଫ କରିଛି । ସେମାନେ ହେଲେ ପୂଜା ଯାନି(୩୦) ଏବଂ ପ୍ରୟିଙ୍କା ଜାନି(୨୫) । ସେମାନଙ୍କୁ ଦଫା ୪୫୭ ଏବଂ ୩୮୦ ଦଫାରେ ଗିରଫ କରାଯାଇଛି । ଅଭିଯୁକ୍ତମାନଙ୍କ ନିକଟରୁ ୧୮ ଗ୍ରାମର ସୁନା ଚେନ ସହ ୧୨ ଗ୍ରାମର ଦୁଇଟି ସୁନାମୁଦି, ୧.୩୦୦ ଗ୍ରାମର ଗୋଟିଏ କାନଫୁଲ ସହ ୩ ତୋଳା ରୁପା ଜବତ କରାଯାଇଛି । ମୁଖ୍ୟ ଅଭିଯୁକ୍ତ ଫେରାର ଅଛନ୍ତି । ବୁଧବାର ଏସଡିପିଓ ରାଜକିଶୋର ଦାସ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ଗତ ୨୪ ତାରିଖରେ ଗିରିବାବୁ ତାଙ୍କ ଶ୍ୱଶୁର ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଗତ ୨୯ ତାରିଖ ରାତିରେ ଦୁର୍ବୃତ୍ତମାନେ ଘରେ ପଶି ଆଲମିରା ଭାଙ୍ଗି ସୁନା ଅଳଙ୍କାର ଚୋରି କରି ନେଇଥିଲେ । ପଡିଶାଘର ଲୋକେ ତାଙ୍କ ଘର କବାଟ ଭଙ୍ଗା ଯାଇଥିବା ଦେଖି ଗିରିବାବୁଙ୍କୁ ଜଣାଇଥିଲେ । ସେ ଆସି ତାଙ୍କ ଘରୁ ୭ ତୋଳା ସୁନା, ୧୫ ତୋଳା ରୁପା ଏବଂ ନଗଦ ୧୩ ହଜାର ଟଙ୍କା ଚୋରି ହୋଇଥିବା ଗୁଣପୁର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଗାଁରେ ଦୁଇ ଜଣ ମହିଳା ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଫଟୋ ଉଠାଇଥିଲେ । ସେହି ଫଟୋକୁ ଆଧାର କରି ପୋଲିସ ଦୁଇ ମହିଳାଙ୍କୁ ଗୁଣପୁର ଷ୍ଟେଶନ ଅଞ୍ଚଳରୁ ଗିରଫ କରିଥିଲା । ସେମାନେ ପାରଳାଖେମୁଣ୍ଡି ଷ୍ଟେଶନ ଅଞ୍ଚଳରେ ତମ୍ବୁ ପକାଇ ରହୁଛନ୍ତି। ସେମାନେ ସବୁ ବାଂଲାଦେଶ ଅଞ୍ଚଳରୁ ରିଫ୍ୟୁଜି ଭାବରେ ଆସି ରହୁଥିବା ଜାଣାପଡିଥିଲା । ଖବରଦାତା ସମ୍ମିଳନୀରେ ଆଇଆଇସି ରଶ୍ମିରଞ୍ଜନ ପ୍ରାଧନଙ୍କ ସମେତ ଅନ୍ୟାନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।



ଗିରଫ ଦୁଇ ମହିଳାଙ୍କ ସହ ଜବତ ସୁନା ଏବଂ ରୁପା ଅଳଙ୍କାର ।

## ନିଆଁରେ ପୋଡ଼ିହୋଇ ଗୁରୁତର ମହିଳାଙ୍କ ମୃତ୍ୟୁ

**ଗୁଣପୁର,୩।୭(ଡି.ଏନ.ଏ)**

ନିଆଁରେ ପୋଡ଼ି ହୋଇ ଗୁରୁତର ଥିବା ରାୟଗଡା ଜିଲା ପଦ୍ମପୁର ବ୍ଲକ ରଘୁନାଥପୁର ଗ୍ରାମର ମୀନାକ୍ଷୀ ପାଣିଗ୍ରାହୀ(୨୨)ଙ୍କ ମୃତ୍ୟୁ ହୋଇଛି । ମଙ୍ଗଳବାର ମୀନାକ୍ଷୀ ରୋଷେଇ ପାଇଁ ଗ୍ୟାସ୍ ଲଗାଇବାକୁ ଯାଇଥିବାବେଳେ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା । ପରେ ତାଙ୍କୁ ପ୍ରଥମେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଭର୍ତ୍ତି କରାଯାଇଥିଲା । ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା । ସେଠାରୁ ତାଙ୍କୁ କଟକ ପଠାଯାଇଥିଲା । କଟକରେ ଚିକିତ୍ସାଧୀନ ଅବସ୍ଥାରେ ମୀନାକ୍ଷୀଙ୍କ ମୃତ୍ୟୁ ହୋଇଛି । ଯୌତୁକ ନିର୍ଯାତନା ପାଇଁ ଶାଶୁଘର ଲୋକେ ଷଡଯନ୍ତ୍ର କରି ହତ୍ୟା କରିବାକୁ ଏପରି କରିଥିଲେ ବୋଲି ମିନାକ୍ଷୀଙ୍କ ବାପା ବିଘ୍ନରାଜ ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ ପୋଲିସ ଏନେଇ ତଦନ୍ତ ଆରମ୍ଭ କରିବା ସହ ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯିବା ପରେ ଯୌତୁକଜନିତ ହତ୍ୟା ମାମଲା ରୁଜୁ କରାଯିବ ବୋଲି ଏସିଡିପିଓ ରାଜକିଶୋର ଦାସ ପ୍ରକାଶ କରିଛନ୍ତି ।

## ବିଧାନସଭା ନିର୍ବାଚନ ଅସିଦ୍ଧ ଘୋଷଣା ନେଇ ହାଇକୋର୍ଟରେ ମାମଲା

**ରାୟଗଡା ଅଫିସ୍, ୩।୭**

ରାୟଗଡା ବିଧାନସଭା ନିର୍ବାଚନରେ ଅନିୟମିତତା ହୋଇଥିବା ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି । ସ୍ଥାନୀୟ ଭୋଟର ଆର. ହରିଶ ପଟ୍ଟନାୟକ ଏହି ମାମଲା ରୁଜୁ କରିବା ସହ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ସେ ଅଦାଲତଙ୍କୁ ନିବେଦନ କରିଛନ୍ତି । ହାଇକୋର୍ଟ କେସ୍ ନମ୍ବର ୨/୧୯ରେ ଏକ ମାମଲା ଦାଏର ପରେ ରାୟଗଡା ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି । ଆବେଦନକାରୀ ହରିଶ ନିଜ ମାମଲାରେ ଦର୍ଶାଇଛନ୍ତି ଯେ, ରାୟଗଡା ବିଧାନସଭା ଆସନ ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି । କିନ୍ତୁ ଏହି ଆସନରୁ ବିଜୟୀ ହୋଇଥିବା ସ୍ୱାଧୀନ ପ୍ରାର୍ଥୀ ମକରନ୍ଦ ମୁଦୁଲି ଅନୁସୂଚିତ ଜାତି ବର୍ଗର ଅଟନ୍ତି । ସେ ଝୋଡିଆ ସମ୍ପ୍ରଦାୟର ହୋଇଥିବା ବେଳେ କିଭଳି ଅନୁସୂଚିତ ଜନଜାତିବର୍ଗର ବୋଲି ନିଜର ପ୍ରାର୍ଥିପତ୍ରରେ ଦର୍ଶାଇଛନ୍ତି ସେ ନେଇ ହରିଶ ପ୍ରଶ୍ନ ଉଠାଇଛନ୍ତି । ନିର୍ବାଚନ ଅଧିକାରୀଙ୍କ ନିକଟରେ ଯେଉଁ ତଥ୍ୟ ଦର୍ଶାଇ ଶପଥ ପାଠ ହୋଇଥିଲା ତାହା ଆଇନ ଅନୁଯାୟୀ ହୋଇନାହିଁ । ଠିକ୍ ତଥ୍ୟ ମୁଦୁଲି ଦାଖଲ କରିନାହାନ୍ତି । ଏହାକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ପଟ୍ଟନାୟକ ମାମଲା ରୁଜୁ କରିଛନ୍ତି । ବୁଧବାର ରାୟଗଡାଠାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସେ ସୂଚନା ଦେଇଛନ୍ତି ଯେ, ବିଧାୟକ ମୁଦୁଲି ଝୋଡିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ନେଇ ଦୀର୍ଘ ଦିନ ହେବ ଆନ୍ଦୋଳନ ଚଳାଇ ଆସିଛନ୍ତି । ଯଦି ନିଜ ସମ୍ପ୍ରଦାୟ ଆଦିବାସୀ ମାନ୍ୟତା ପାଉ ନାହିଁ ତେବେ ସେ କିଭଳି ପାଇଲେ । ନିକଟରେ ବିଧାୟକ ମୁଦୁଲି ନୂତନ ଜାତିଗତ ପ୍ରମାଣପତ୍ର ନିମନ୍ତେ କାଶୀପୁର ତହସିଲଦାରଙ୍କ ନିକଟରେ ଆବେଦନ କରିଥିଲେ । ହେଲେ ତାହା ଖାରଜ ହୋଇଯାଇଛି । କେଉଁ କାରଣରୁ ତାହା ଖାରଜ ହେଲା ଓ ସେ ନିର୍ବାଚନ ସମୟରେ ଯେଉଁ ଜାତିଗତ ପ୍ରମାଣପତ୍ର ଦାଖଲ କରିଛନ୍ତି ତାହାର ସତ୍ୟତା ଅନୁସନ୍ଧାନ କରିବାକୁ ମଧ୍ୟ ଦାବି କରିଛନ୍ତି । ହରିଶଙ୍କ ପକ୍ଷରୁ ଆଇନ୍‌ଜୀବୀ ତରଣିକାନ୍ତ ବିଶ୍ୱାଳ ଏହି ମାମଲା ପରିଚାଳନା କରୁଛନ୍ତି ।

## ବାଲ୍ୟବିବାହ ରୋକିବା ପାଇଁ ଆଲୋଚନା

**ରାୟଗଡା ଅଫିସ୍, ୩।୭**

ରାୟଗଡା ଜିଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ଜିଲାରେ ବାଲ୍ୟ ବିବାହ ସମସ୍ୟା ଉପରେ ଅଙ୍କୁଶ ଲଗାଇବା ନେଇ ଏକ ତାଲିମ ଶିବିର ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲାର ସମସ୍ତ ସିଡିପିଓ ତଥା ବାଲ୍ୟ ବିବାହ ନିଷେଧାଧିକାରିଣୀ ସୁପରଭାଇଜର, ଏସ୍.ଜେ.ପି.ଭି, ପୋଲିସ ଅଧିକାରୀ, ଶିଶୁ ମଙ୍ଗଳ କମିଟି ସଭ୍ୟ, କିଶୋର ନ୍ୟାୟ ବୋର୍ଡ ସଭ୍ୟ, ଚାଇଲ୍ଡ ଲାଇନ୍ ଅଧିକାରୀ ସମୂହ, ବିଇଓ, ମଙ୍ଗଳ ଅଧିକାରୀଙ୍କୁ ଏହି ତାଲିମ ଦିଆଯାଇଛି । ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା ଓ ଏସ୍‌ପି ଶ୍ରବଣ ବିବେକ ଏମ୍ ପୌରୋହିତ୍ୟ କରିଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ ତାଲିମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ଜିଲାରେ କିଭଳି ବାଲ୍ୟ ବିବାହ ଦିନକୁ ଦିନ ବଢ଼ି ଚାଲିଛି ଓ ଏହାର ପ୍ରତିକାର କିଭଳି କରାଯାଇପାରିବ ସେ ସମ୍ପର୍କରେ ସମସ୍ତଙ୍କୁ ବୁଝାଇଥିଲେ । ବାଲ୍ୟ ବିବାହକୁ ରୋକିବା ନିମନ୍ତେ ଗୃହ ବିଭାଗ ତରଫରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳି ଉପରେ ପୋଲିସର ଭୂମିକା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା । ଏନେଇ ଗାଁ ଗହଳିରେ ସଚେତନତା ସୃଷ୍ଟି କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା । ବାଲ୍ୟ ବିବାହକୁ ନା କରିଥିବା ଶିଶୁମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପୁରସ୍କୃତ କରାଯିବାକୁ ନିଷ୍ପତ୍ତି ହୋଇଛି । ଏ ଦିଗରେ ଆଗାମୀ ୬ମାସ ପାଇଁ ଏକ କାର୍ଯ୍ୟ ଖସଡା ପ୍ରସ୍ତୁତ କରି ନିୟମିତ ଭାବେ ତଦାରଖ କରିବାକୁ ଜିଲା ସମାଜ ମଙ୍ଗଳ ଅଧିକାରୀ ୱାହିଦା ବେଗମଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ସହାୟକ ଜିଲା ସମାଜ ମଙ୍ଗଳ ଅଧିକାରୀ ଲିପିକ ମହାନ୍ତିଙ୍କ ସମେତ ଜିଲା ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ । ସ୍ନେହା ପାଢ଼ୀ ଧନ୍ୟବାଦ ଦେଇଥିଲେ ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

## ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ

**ଗୁଣପୁର,୩।୭(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରଠାରେ ଦୁଇ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନଙ୍କ ନବ ଯୌବନ ଦର୍ଶନ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ରୀତିନୀତି ହେବା ପରେ ଠାକୁରମାନଙ୍କ ଦର୍ଶନ ହୋଇଥିଲା । ପ୍ରଥମେ ସାନ ଜଗନ୍ନାଥ ମନ୍ଦିର ତଥା ବାଲାଜିମନ୍ଦିର ଠାକୁରମାନଙ୍କ ନବ ଯୌବନ ଦର୍ଶନ ହୋଇଥିଲା । ଏହାପରେ ବଡଜଗନ୍ନାଥ ମନ୍ଦିରରେ ଠାକୁରମାନଙ୍କ ନବ ଯୌବନ ଦର୍ଶନ ହୋଇଥିଲା । ଏଥିଲାଗି ଦୁଇ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିଲା । ଅନ୍ୟପଟେ ବଡ ଦାଣ୍ଡରେ ଦୁଇ ରଥର ସମସ୍ତ କାର୍ଯ୍ୟ ଶେଷ ହୋଇଛି । ଠାକୁରମାନଙ୍କ ଘୋଷଯାତ୍ରା ଲାଗି ମନ୍ଦିର କମିଟି ଓ ଦେବୋତ୍ତର ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ କିପରି ଶାନ୍ତିଶୃଙ୍ଖଳାର ସହ ଯାତ୍ରା କରାଯିବ ସେନେଇ ଆୟୋଜନ କରାଯାଇଛି । ସିଆରପିଏଫ ସହ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଗୁରୁବାର ମନ୍ଦିରରେ ଠାକୁରମାନଙ୍କ ସମସ୍ତ ରୀତିନୀତି ସରିବା ସହ ରଥ ପୂଜା ହେବ । ପରେ ଦିବା ୧ଟାରେ ପହଣ୍ଡି ଆରମ୍ଭ ହେବ । ସାଢେ ୨ଟା ସୁଦ୍ଧା ଠାକୁରମାନେ ରଥ ଉପରକୁ ବିଜେ କରିବେ । ୪ଟା ରେ ପ୍ରଥମେ ବଡରଥ ଟଣା ହେବ । ବଡରଥ ଗୁଣ୍ଡିଚା ମନ୍ଦିରରେ ପହଁଞ୍ଚିଲା ପରେ ୫ଟାରେ ସାନ ରଥ ଟଣା ହେବ । ଏହାକୁ ମହିଳାମାନେ ଟାଣିବେ । ରାତି ୧୨ଟାରେ ଦୁଇ ରଥ ଠାକୁରମାନେ ସେମାନଙ୍କ ଆଡପ ମଣ୍ଡପକୁ ବିଜେ କରିବେ ।



■ ପି-ପାସ୍ ୱେବସାଇଟ୍‌ରେ ଅପଲୋଡିଂ ବନ୍ଦ

# କିଣା ହୋଇପାରିଲାନି ୧୩.୭ ହଜାର କୁଇଣ୍ଟାଲ ଧାନ

ଜୟପୁର,୩।୭(ଡି.ଏନ୍.ଏ.)

୨୦୧୮-୧୯ରେ କୋରାପୁଟ ଜିଲାରେ ରବିଧାନ କିଣା ପାଇଁ ରାଜ୍ୟ ସରକାର ଜୁନ ୩୦କୁ ଶେଷ ଦିବସ ଧାର୍ଯ୍ୟ କରିଥିଲେ। ଏହି ତାରିଖ ସୁଦ୍ଧା ୧୦ ଲକ୍ଷ ୪୩ ଜାର ୯୮୬ କୁଇଣ୍ଟାଲ ୮୯ କିଲୋଗ୍ରାମ ରବିଧାନ କିଣାଯାଇଛି। କିନ୍ତୁ ୩ଟି ମଣ୍ଡିରେ ଚାଷୀଙ୍କ ୧୩ ହଜାର ୭୭୬ କୁଇଣ୍ଟାଲ ଧାନ ବିକ୍ରି ହୋଇଥିଲେ ସୁଦ୍ଧା ସରକାରୀ ୱେବସାଇଟରେ ଅପଲୋଡିଂ ବନ୍ଦ ହେବା ଯୋଗୁ ଧାନକିଣାରେ ସମସ୍ୟା ଉପୁଜିଛି। ଚାଷୀମାନେ ଟଙ୍କା ପାଇବେ କି ନା, ସେନେଇ ଅନିଶ୍ଚିତତା ଭିତରେ ରହିଛନ୍ତି। ସରକାର ତୁରନ୍ତ

## ଟଙ୍କା ପାଇବା ନେଇ ଆଶଙ୍କାରେ ଚାଷୀ

କୌଣସି ବ୍ୟବସ୍ଥା ନକଲେ ଧାନ କିଣା ହୋଇ ନପାରି ଚାଷୀମାନେ ଏହାକୁ ଧାର୍ଯ୍ୟ ଦରଠୁ ୩୦୦ରୁ ୪୦୦ ଟଙ୍କା କମ୍‌ରେ ବିକ୍ରି କରିବା ପାଇଁ ବାଧହେବେ।

ଜିଲାରେ ୮୦୨୫ ଜଣ ଚାଷୀଙ୍କଠାରୁ ୧୦ ଲକ୍ଷ ୪୩ ହଜାର ୯୮୬ କୁଇଣ୍ଟାଲ ୮୯ କିଲୋଗ୍ରାମ ଧାନ କିଣାଯାଇଥିଲା। ତେବେ ଅନ୍ତିମ ଦିବସରେ ଜୟପୁର ବ୍ଲକର ବଡ଼ଜିଉନା, କୋଟପାଡ଼ର ବକେୟା ଓ କୁସୁମ ମଣ୍ଡିକୁ ୧୩ ହଜାର ୭୮୬ କୁଇଣ୍ଟାଲ ଧାନ ଆସିଥିଲା। କ୍ରୟକାରୀ ସଂସ୍ଥା ଉମୁରି ଓ କୋଟପାଡ଼ ଲ୍ୟାମ୍ପ ଧାନ କିଣିଥିଲେ ସୁଦ୍ଧା କାଗଜପତ୍ର ପ୍ରସ୍ତୁତି ଓ ପି-ପାସ ୱେବସାଇଟରେ ଅପଲୋଡିଂ ବେଳେ ରାତି ୧୨ଟାରେ ଏହାକୁ ବନ୍ଦ କରାଯାଇଥିବା ଯୋଗୁ ଚାଷୀଙ୍କ ଧାନ କିଣାଯାଇପାରି ନାହିଁ। ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକ କହିଛନ୍ତି, ଏହିପରି ୩ଟି ମଣ୍ଡିରେ ଧାନ କିଣାହୋଇ ରହିଥିବା ଅବଗତ କରାଯାଇଛି । ସରକାରଙ୍କ ନିଷ୍ପତ୍ତି ପରେ ପରବର୍ତ୍ତୀ ପଦକ୍ଷପ ନିଆଯିବ।

ସୂଚନାଯୋଗ୍ୟ, ୨୦୧୮-୧୯ରେ ରବିଧାନ କିଣା ପାଇଁ ୧୧୫୯୦ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ସେମାନଙ୍କଠାରୁ ୧୫ ଲକ୍ଷ ୯୭ ହଜାର ୭୧୧ କୁଇଣ୍ଟାଲ ୬୬ କିଲୋଗ୍ରାମ ଧାନ କିଣାଯିବା ପାଇଁ ଟାର୍ଗେଟ୍ ରହିଥିଲା। ଏଥିପାଇଁ ଜିଲାର ୫୫ଟି ମଣ୍ଡି ମଧ୍ୟରୁ ୪୬ଟିରେ ୧୦ ଲକ୍ଷ ୪୩ ହଜାର ୯୮୬ କୁଇଣ୍ଟାଲ ୮୯ କିଲୋଗ୍ରାମ ଧାନ କିଣିଥିଲେ ୧୧ଟି ବ୍ଲକର ୧୫ଟି କ୍ରୟକାରୀ ଲ୍ୟାମ୍ପ। ଜୟପୁର ବ୍ଲକରେ ସର୍ବାଧିକ ୫ଲକ୍ଷ ୫ ହଜାର ୮୫୫ କୁଇଣ୍ଟାଲ ଓ ବୈପାରିଗୁଡ଼ା ବ୍ଲକରେ ସର୍ବନିମ୍ନ ୧୮୯ କୁଇଣ୍ଟାଲ ଧାନ କିଣା ହୋଇଥିଲା । ସେହିପରି ଉମୁରୀ ଲ୍ୟାମ୍ପ ପକ୍ଷରୁ ୩ଲକ୍ଷ ୧୯ ହଜାର ୯୮୮ କୁଇଣ୍ଟାଲ ସର୍ବାଧିକ ଏବଂ ପାଡୁଆ ଲ୍ୟାମ୍ପ ପକ୍ଷରୁ ୯୧.୫୦ କୁଇଣ୍ଟାଲ ସର୍ବନିମ୍ନ ଧାନ କିଣାଯାଇଛି।



ସୁନାବେଡ଼ା ସ୍ଥିତ ହାଲ୍ ଏଲ୍-ଜୋନ୍ ମନ୍ଦିରରେ ବୁଧବାର ଚତୁର୍ଦ୍ଧା ମୂରତିଙ୍କ ପଦ୍ମବେଶ।

# ଶ୍ରୀଜୀଉଙ୍କ ନବଯୌବନ ବେଶ, ରଥ ପ୍ରତିଷ୍ଠା ଶେଷ

କୋରାପୁଟ,୩।୭(ସ୍ୱ.ପ୍ର.)

କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ନବଯୌବନ ବେଶ ସହ ନେତ୍ର ଉତ୍ସବ, ରଥ ପ୍ରତିଷ୍ଠା କାର୍ଯ୍ୟ ବୁଧବାର ସମାପନ ହୋଇଛି। ନେତ୍ର ଉତ୍ସବ ଅବସରରେ ବୁଧବାର ଭୋର୍‌ରୁ ଠାକୁରଙ୍କ ସମସ୍ତ ରୀତିନୀତି କରାଯାଇ ସକାଳ ୮ଟା ୪୫ ମିନିଟରେ ବିଶୁଦ୍ଧ ସିଂହ ଲଗ୍ନରେ ଶ୍ରୀଜୀଉଙ୍କୁ ରତ୍ନ ସିଂହାସନ ବିଜେ କରାଯାଇ ନବଯୌବନର ପୂଜା କାର୍ଯ୍ୟ ସମ୍ପନ୍ନ ହେବା ପରେ ନେତ୍ର ପ୍ରତିଷ୍ଠା କରାଯାଇଥିଲା । ପୂର୍ବାହ୍ନ ୯ଟାବେଳେ ସାହାଣମେଲା କରାଯାଇ ଭକ୍ତଙ୍କୁ ଦର୍ଶନ ସୁଯୋଗ ଦିଆଯାଇଥିଲା। ଶ୍ରୀଜୀଉଙ୍କ ନବଯୌବନ ବେଶ ହୋଇଥିବାବେଳେ ଏହାକୁ ଦେଖିବା ପାଇଁ ଶତାଧିକ ଜନ ସମାଗମ ହୋଇଥିଲା । ସେହିପରି ପୂର୍ବାହ୍ନ ସ୍ଥାନୀୟ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ୩ଟି ରଥର ପ୍ରତିଷ୍ଠା କରାଯାଇଥିଲା । ଅପରାହ୍ନରେ ୫ଟାରେ ଗୁଣ୍ଡିଚା ମନ୍ଦିରରେ ମାର୍ଜଣା କାର୍ଯ୍ୟ ଶେଷ ହୋଇଥିଲା ।

ଗୁରୁବାର ସକାଳ ୯ଟା ୩୦ରେ ମା' ବିମଳାଙ୍କଠାରୁ ଆଜ୍ଞାମାଳ ନେବା ପରେ ମଧ୍ୟାହ୍ନ ୯ଟା ୪୫ରୁ ୧୦ଟା ୧୫ ମଧ୍ୟରେ ମଙ୍ଗଳାପନ୍ନ କର୍ମ ହୋଇ ଚତୁର୍ଦ୍ଧା ମୂରତିଙ୍କ ଧାଡ଼ି ପହଣ୍ଡି କରାଯିବ। ଅପରାହ୍ନ ୧୨ଟା ୩୦ରେ ରଥରେ ଗ୍ରାମ ନାୟକମାନଙ୍କୁ ଜିଲାପାଳ ଶିରୋପା ପିନ୍ଧାଇବା ପରେ ଅପରାହ୍ନ ଗୋଟାଏରେ ରଥଟଣା ଆରମ୍ଭ ହେବ । ରାତ୍ର ୯ଟାରେ ଠାକୁରଙ୍କୁ ରଥରୁ ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ନିଆଯିବ।

## ସଂକ୍ଷେପରେ

### ସାହିତ୍ୟ ଏକାଡେମୀ ପ୍ରତିଷ୍ଠା ଦିବସ ପାଇଁ ଜିଲାସ୍ତରୀୟ ପ୍ରତିଯୋଗିତା



**କୋରାପୁଟ,୩।୭(ସ୍ୱ.ପ୍ର.):** ସାହିତ୍ୟ ଏକାଡେମୀର ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସ ଉପଲକ୍ଷେ ବୁଧବାର ସ୍ଥାନୀୟ ସଂସ୍କୃତି ଭବନରେ ବିଭିନ୍ନ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଥମ ହୋଇଥିବା କନିଷ୍ଠ ୮ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଆସନ୍ତା ୭ରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ବରିଷ୍ଠ ବିଭାଗରେ ୮ କୃତୀ ଛାତ୍ରୀଛାତ୍ର ଆସନ୍ତା ୧୪ରେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କୋରାପୁଟ ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ ମୁଖ୍ୟ ଅତିଥି ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ତଥା ଅଧାପିକା ପ୍ରୀତିଧାରା ସାମଲଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ଉମାକାନ୍ତ ଦାସ, ପ୍ରାଧାପକ ଡ. ଜଗବନ୍ଧୁ ସାମଲ, କବି ଜଳଧର ସ୍ୱାଇଁ, ବିଶିଷ୍ଟ ଗାଳ୍ପିକ ନାରାୟଣ ପଣ୍ଡା ବିଚାରକ ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ସାହିତ୍ୟ ସଂପର୍କିତ ସାଧାରଣ ଜ୍ଞାନ, ବକ୍ତୃତା, ପ୍ରବନ୍ଧ, କବିତା ଆବୃତ୍ତି, ଇଂରାଜୀରୁ ଓଡ଼ିଆ ଅନୁବାଦ ବର୍ଗରେ ପ୍ରତିଯୋଗିତା ହୋଇଥିଲା । ଏହି ଜିଲାସ୍ତରୀୟ ପ୍ରତିଯୋଗିତାକୁ ଅଧାପକ ରବି ଶତପଥୀ ପରିଚାଳନା କରିଥିଲେ ।

### ମଦ ଦୋକାନରେ ଚଢ଼ାଉ, ଜଣେ ଗିରଫ

**ଦାମନଯୋଡ଼ି,୩।୭(ଡି.ଏନ୍.ଏ.):** ସ୍ଥାନୀୟ ମାଥାଲପୁଟ ମାର୍କେଟ୍‌ରେ ବେଆଇନ ଭାବେ ମଦ ଦୋକାନ ଖୋଲି ବିକ୍ରି କରୁଥିବା ବେଳେ ଦାମନଯୋଡ଼ି ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣକ ମାଥାଲପୁଟ ଗଜପତି କଲୋନିର ଲଳିତ ଚୌଧୁରୀ ବୋଲି ଜଣାପଡ଼ିଛି। ମାଥାଲପୁଟ ଓ ଭେଜାପୁଟ ଅଞ୍ଚଳରେ ବହୁ ସଂଖ୍ୟକ ମଦଭାଟି ଓ ମଦ ଦୋକାନ ଚାଲୁଥିବା ଖବର ପ୍ରସାରିତ ହୋଇଥିଲା। ଏହାପରେ ଦାମନଯୋଡ଼ି ପୋଲିସ ଏହାକୁ ଗୁରୁତ୍ୱର ସହ ନେଇ ବୁଧବାର ପୂର୍ବାହ୍ନରେ ଚଢ଼ାଉ କରିଥିଲା। ମାଥାଲପୁଟ ମୁଖ୍ୟରାସ୍ତା ତଥା ମାର୍କେଟ୍‌ରେ ଥିବା ଏହି ଦୋକାନରୁ ଚଢ଼ାଉ ବେଳେ ୧୩୨ ବୋତଲ ସହ ବିହାରୀ ମଦ ପାଉଚ ଜବତ ହୋଇଥିଲା। ପୋଲିସ ଉକ୍ତ ମଦକୁ ଜବତ କରି ଦୋକାନୀ ଲଳିତ ଚୌଧୁରୀଙ୍କୁ ଗିରଫ କରିଥିଲା। ଏନେଇ କେସ୍ ନଂ ୫୯.୧୯ରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଚଢ଼ାଉ ବେଳେ ଥାନା ଅଧିକାରୀ ଗୌରହରି ସାହୁ, ଏସ୍‌ଆଇ ଦୁର୍ଗାମାଧବ ବାଘ, ଏଏସ୍‌ଆଇ ସନ୍ତୋଷ ପରିଡ଼ା, ରାଜେନ୍ଦ୍ର ଖିଲଙ୍କ ସହ ଥାନା କର୍ମଚାରୀ ସାମିଲ ଥିଲେ।

### ସହରରେ ବୁଲୁଛି ହାଇଡ୍ରୋଜେନ ସିଲିଣ୍ଡର

**ଜୟପୁର,୩।୭(ନି.ପ୍ର.):** ଐତିହାସିକ ଜୟପୁର ରଥଯାତ୍ରା ପାଇଁ ଚଳଚଞ୍ଚଳ ହୋଇଉଠିଛି ଜୟପୁର ସହରର । ରଥଯାତ୍ରାରେ ଛୋଟ ଛୋଟ ପିଲାଙ୍କ ପାଇଁ ଆକର୍ଷଣ ଥାଏ ଖେଳଣା। ସେଥିଯୋଗୁ ଯାତ୍ରାରେ ବହୁ ପରିମାଣରେ ଖେଳଣା ବିକ୍ରି ହୋଇଥାଏ । ଏହାର ସୁଯୋଗ ନେଇ ଛତିଶଗଡ଼ର ଜଣେ ବେପାରୀ ହାଇଡ୍ରୋଜେନ ସିଲିଣ୍ଡରରେ ବେଲୁନ ତିଆରି କରି ସାହି ସାହି ବୁଲି ବିକ୍ରି କରୁଛନ୍ତି । ଏହି ବେଲୁନ ବିକ୍ରିକୁ ଦେଖି ପିଲାଙ୍କ ଭିଡ଼ ଲାଗୁଛି। କିନ୍ତୁ କିଛି ବର୍ଷ ତଳେ ନବରଙ୍ଗପୁର ଜିଲାରେ ଏହି ହାଇଡ୍ରୋଜେନ ସିଲିଣ୍ଡର ଫାଟି ବହୁ ଧନ ଜୀବନ ନଷ୍ଟ ହୋଇଥିଲା । ଏହି ସିଲିଣ୍ଡର ଦ୍ୱାରା ଦୁର୍ଘଟଣା ଘଟିବା ଆଶଙ୍କାରେ ସରକାର ଏହାକୁ ବେଆଇନ ଘୋଷଣା କରିଛନ୍ତି । କିନ୍ତୁ ସହରରେ ୩ରୁ ୪ ଦିନ ହେଲାଣି ସାହି ଗଳି କନ୍ଦି ବୁଲି ବେପାରୀ ଜଣକ ବେଲୁନ ବିକ୍ରି କରୁଥିବା ବେଳେ ଏହାକୁ କେହି ରୋକୁନାହାନ୍ତି। କୌଣସି ଅଘଟଣ ପୂର୍ବରୁ ପ୍ରଶାସନ ଏହାକୁ ରୋକିବା ଦାବି ହୋଇଛି।

# କୋରାପୁଟରେ ବନ ମହୋତ୍ସବ ସପ୍ତାହ

## ଗୋଡ଼ାପୁଟ ଭିଏସ୍‌ଏସ୍‌କୁ ବିଜୁ ପଟ୍ଟନାୟକ ପୁରସ୍କାର





ବନ ମହୋତ୍ସବ କାର୍ଯ୍ୟକ୍ରମରେ ଜିଲାପାଳ ଚାରା ରୋପଣ କରୁଛନ୍ତି।

କୋରାପୁଟ,୩।୭(ସ୍ୱ.ପ୍ର.)

କୋରାପୁଟ ବନ ବିଭାଗ ପକ୍ଷରୁ ବୁଧବାର ସ୍ଥାନୀୟ ଡାଙ୍ଗଦେଉଳା ପାହାଡ଼ରେ ଜିଲାସ୍ତରୀୟ ୭୦ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମେ ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବନ ସୁରକ୍ଷା ପାଇଁ ବ୍ୟାପକ ଚାରାରୋପଣର ଆବଶ୍ୟକତା ଉପରେ ସେ ଜୋର୍ ଦେଇଥିଲେ। ଏହି ଅବସରରେ କୋରାପୁଟ ଜିଲାର ଶ୍ରେଷ୍ଠ ବନ ସୁରକ୍ଷା ସମିତି ଭାବେ ବୈପାରିଗୁଡାର ଗୋଡାପୁଟ ଭିଏସ୍‌ଏସ୍‌କୁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦରେ ସମିତିକୁ ୨୦ ହଜାର ଟଙ୍କାର ଚେକ ଦିଆଯାଇଥିଲା । ବୁଧବାର ଏହି ବନ ମହୋତ୍ସବରେ ଅଁଳା, ନିମ୍ବ, ଗଙ୍ଗଶିଉଳି, ବରଗଛ ସମେତ ୫ ହଜାର ବିଭିନ୍ନ ଔଷଧୀୟ ଗଛ ରୋପଣ କରାଯାଇଥିଲା । ସୂଚନାଥାଉକି ଯେ ଡାଙ୍ଗଦେଉଳାର ଦ୍ୱିତୀୟ ପାହାଡ଼ରେ ସମୁଦାୟ ୧୦ ହେକ୍ଟର ଅଞ୍ଚଳରେ ପ୍ରାୟ ୧୬ ହଜାର ବୃକ୍ଷରୋପଣ କରାଯିବା ଲକ୍ଷ୍ୟ ରହିଛି। ପ୍ରଥମ ପର୍ଯ୍ୟାୟରେ ୫ ହଜାର ଗଛ ଲଗାଯାଇଥିବା କୋରାପୁଟ ରେଞ୍ଜର ସୁବାସ ଚନ୍ଦ୍ର ଖୁଣ୍ଟିଆ ପ୍ରକାଶ କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଡିଆଇଜି ହିମାଂଶୁ ଲାଲ, କୋରାପୁଟ ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପି, ଜୟପୁର ବନଖଣ୍ଡ ଅଧିକାରୀ ଅଶ୍ୱିନୀ କୁମାର କର, ଜୟପୁର ଏସ୍‌ଡିପିଓ ସାଗରିକା ନାଥ, ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲା ପରିଷଦ ଅଧକ୍ଷା ତୁଳସୀ କିର୍ସାନୀ, ସଦସ୍ୟା ପାର୍ବତୀ ମନ୍ତ୍ରି, ଏସିଏଫ୍ ଉମା ମହେଶ, ଏସିଏଫ୍ ରଞ୍ଜନ କୁମାର ନାଗ, ଏସଓଜି, ଆଇଆରବି, ଓଏସଏପି ତୃତୀୟ ବାଟାଲିଅନର ଦୁର୍ଗପତିଙ୍କ ସମେତ ବନ ବିଭାଗର ବହୁ ପଦସ୍ଥ ଅଧିକାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

## ଟେଣ୍ଡର ବିଜ୍ଞପ୍ତିରେ ନାହିଁ କାର୍ଯ୍ୟର ସଠିକ୍ ବିବରଣୀ

ଜୟପୁର,୩।୭(ଡି.ଏନ୍.ଏ.)

ଜୟପୁର ପୌରସଂସ୍ଥା ପକ୍ଷରୁ ୬୪ଟି ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। କିନ୍ତୁ ଏଥିରୁ ଅନେକ କାର୍ଯ୍ୟ ସମ୍ପର୍କରେ ତଥ୍ୟ ଠିକ୍ ଭାବେ ଦିଆଯାଇ ନଥିବା ଯୋଗୁ ସାଧାରଣରେ ଏହା ସନ୍ଦେହ ସୃଷ୍ଟି କରିଛି। ଗତ ୨୫ ତାରିଖ ଚିଠି ନମ୍ବର ୨୩୫୪ରେ ୧ରୁ ୧୪ ଲକ୍ଷ ପର୍ଯ୍ୟନ୍ତ ଅଟକଳ ଦ୍ୱାରା ସହରର ବିଭିନ୍ନ ୱାର୍ଡ ଓ ସାହିରେ ୬୪ଟି କାର୍ଯ୍ୟ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରିଛି ପୌରସଂସ୍ଥା। ଏଥିପାଇଁ ଆବେଦନର ଅନ୍ତିମ ଦିବସ ୧୪ ତାରିଖ ରଖାଯାଇଛି। କିନ୍ତୁ ଅଧିକାଂଶ କାର୍ଯ୍ୟରେ କୌଣସି ୱାର୍ଡ କିମ୍ବା ସାହିର ନାମ, ଠିକଣା ଉଲ୍ଲେଖ ନାହିଁ। କେବଳ କେତେକ ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରାଯାଇ ତାଙ୍କ ଘରଠାରୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ଘର ପର୍ଯ୍ୟନ୍ତ ଉଲ୍ଲେଖ କରାଯାଇ ରାସ୍ତା ଓ ଡ୍ରେନର ନାମ ନିର୍ମାଣ ପାଇଁ ଉଲ୍ଲେଖ କରାଯାଇଛି । କିନ୍ତୁ ସେଭଳି ନାମଧାରୀ ବ୍ୟକ୍ତି ସହରର କେଉଁ ଅଞ୍ଚଳର ରହୁଛନ୍ତି କି ନା, ତାହା ମଧ ସନ୍ଦେହ ସୃଷ୍ଟି କରିଛି। ଏଥିରୁ ଦୁର୍ନୀତିର ଗନ୍ଧ ଆସୁଥିବା ସାଧାରଣରେ ଅଭିଯୋଗ ହୋଇଛି। ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଗୋପୀନାଥ ସାରକା କହିଛନ୍ତି, ସଠିକ ଠିକଣା ଉଲ୍ଲେଖ ନଥିବା ଯୋଗୁ ଏହାକୁ ସଂଶୋଧନ କରାଯାଇ ବିଜ୍ଞପ୍ତି ପୁନଃ ପ୍ରକାଶିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ ଜୟପୁର ପୌରସଂସ୍ଥା ପୂର୍ବରୁ ନିର୍ମାଣ କାର୍ଯ୍ୟ ସାରିବା ପରେ ଟେଣ୍ଡର ଆହ୍ୱାନ କରିବା କିମ୍ବା ନାମକୁ ମାତ୍ର କାର୍ଯ୍ୟ କରାଯାଇ ନିର୍ଦ୍ଧାରିତ ଅର୍ଥରୁ ଅଧିକ ଖର୍ଚ୍ଚ କରିଥିବା ବାରମ୍ବାର ଅଭିଯୋଗ ହେଉଛି।

# ଧାରଣା ଦେଲେ ଠିକା କର୍ମଚାରୀ





ବିଏସ୍‌ଏନ୍‌ଏଲ୍‌ର ଅସ୍ଥାୟୀ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

ଜୟପୁର,୩।୭(ଡି.ଏନ୍.ଏ./ନି.ପ୍ର.)

## ବିଏସ୍‌ଏନ୍‌ଏଲ୍

ଜୟପୁରସ୍ଥିତ ବିଏସ୍‌ଏନ୍‌ଏଲରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଅସ୍ଥାୟୀ କର୍ମଚାରୀ ବୁଧବାର ଧାରଣା ଦେଇଛନ୍ତି। ସିଟୁ ସମର୍ଥିତ କାଜୁଆଲ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ସ୍ଥାନୀୟ ଟେଲିଫୋନ୍ ଭବନ ସମ୍ମୁଖରେ ଅସ୍ଥାୟୀ କର୍ମଚାରୀଙ୍କ ପକ୍ଷରୁ କାର୍ଯ୍ୟବନ୍ଦ ଧାରଣା ଦିଆଯାଇଥିଲା । ଅସ୍ଥାୟୀ କର୍ମଚାରୀଙ୍କୁ ଅଧିକ କାର୍ଯ୍ୟ କରାଯାଉଥିଲେ ମଧ ୬ ମାସ ହେଲାଣି ଦରମା ଦିଆଯାଇ ନାହିଁ। ସେହିପରି ଇପିଏଫ୍, ଇଏସ୍‌ଆଇ ଦିଆଯାଇ ନାହିଁ। ନିଜର ପ୍ରାପ୍ୟ ଦାବିକରି କର୍ମଚାରୀମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ ପାଲଟା ଚାକିରିରୁ ବାହାର କରିଦେବାର ଧମକ ଦିଆଯାଉଛି। ଏହାର ପ୍ରତିବାଦରେ ବୁଧବାର ଦିନିକିଆ ଆନ୍ଦୋଳନ କରାଯିବା ସହ ୧୫ରେ ରାଜ୍ୟବ୍ୟାପୀ ଓ ୧୬ ତାରିଖରେ ସର୍ବଭାରତୀୟ ସ୍ତରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରାଯିବ ବୋଲି ସଂଘର ଶାଖା ସଭାପତି ବିଜୟ ପାତ୍ର ପ୍ରକାଶ କରିଛନ୍ତି । ଜିଲା ସଂଯୋଜକ ସୁରେଶ ଗୌଡ଼, ଉପସଭାପତି ବି. ଓରାଲୁ, କୋଷାଧକ୍ଷ ଜିତେନ୍ଦ୍ର ରାଉତରାୟ, ଦେବରାଜ ପଟ୍ଟନାୟକ, ପଦ୍ମନ କୁମାର ଏବଂ ସତ୍ୟନାରାୟଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅସ୍ଥାୟୀ କର୍ମଚାରୀମାନେ ଧାରଣାରେ ଯୋଗ ଦେଇଥିଲେ।

# ମଧ୍ୟାହ୍ନଭୋଜନ ଅଣ୍ଡାରେ ବାହାରିଲା ପୋକ

ଜୟପୁର,୩।୭(ଡି.ଏନ୍.ଏ.)

ଜୟପୁର ବ୍ଲକ କଙ୍ଗା ପଞ୍ଚାୟତ ସଲପିଆଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ମଧ୍ୟାହ୍ନ ଭୋଜନ ଅଣ୍ଡାରେ ପୋକ ବାହାରିଛି। ଫଳରେ ଛାତ୍ରୀଛାତ୍ର କେବଳ ଡାଲିଭାତ ଖାଇଛନ୍ତି। ଘରୋଇ ଯୋଗାଣକାରୀ ସଂସ୍ଥା ପୂର୍ବାହ୍ନରେ ୧୯୫ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନଭୋଜନ କରିଥିଲା। କିନ୍ତୁ ଅଧିକାଂଶ ଅଣ୍ଡାରୁ ପୋକ ବାହାରିବା ଯୋଗୁ ପିଲାମାନେ ତାହା ଖାଇବାରୁ ବଞ୍ଚିତ ହୋଇଥିଲେ । ୪ ମାସ ତଳେ ଜୟପୁର ସହରର କେନ୍ଦ୍ରିୟ ପ୍ରାଥମିକ, ଜୟନଗର ପ୍ରାଥମିକ ବିଦ୍ୟାଳୟ, ବ୍ଲକର ମାହାଲିଆପୁଟ, ଫାମ୍ପୁଣି ଗ୍ରାମର ବିଦ୍ୟାଳୟରେ ଅଣ୍ଡାରେ ପୋକ ବାହାରିଥିବା ବେଳେ ପୁଣି ଏବେ ମଧ ସମାନ ଦୃଶ୍ୟ ଦେଖିବାକୁ ମିଳିବା ନେଇ ଅଭିଭାବକମାନେ ଅସନ୍ତୁଷ୍ଟ ହୋଇଛନ୍ତି। ଅଣ୍ଡା ଠିକ୍ ଭାବେ ଶିଝାଯାଉନାହିଁ ଓ ଶିଝାଯିବା ପରେ ଦୁଇ ତିନି ଦିନ ରଖି ବିଦ୍ୟାଳୟକୁ ଯୋଗାଣ ହେଉଥିବାରୁ ସେଥିରୁ ପୋକ ବାହାରୁଥିବା ଅଭିଯୋଗ ହୋଇଛି । ଏନେଇ ଏବିଇଓ ବି. ହରିଶ୍ଚନ୍ଦ୍ର ରାଓ କହିଛନ୍ତି, ଏହି ଘଟଣାର ଅଭିଯୋଗ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କଠାରୁ ଗ୍ରହଣ କରାଯାଇଛି । ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯିବ।

# ବିଦ୍ୟୁତ୍ ସଂଯୋଗ ପାଇଁ ଲାଞ୍ଚ ଅଭିଯୋଗ



ଅଭିଯୋଗ କରୁଥିବା ଗ୍ରାମବାସୀ ।

ବନ୍ଧୁଗାଁ, ୩।୭(ଡି.ଏନ.ଏ.)

ବିଦ୍ୟୁତ୍ ବିଭାଗରେ କାର୍ଯ୍ୟ କରୁଥିବା ଜଣେ ଲାଇନ୍‌ମ୍ୟାନ୍ ବିନା ରସିଦରେ ବିପିଏଲ୍ ପରିବାରକୁ ବିଦ୍ୟୁତ୍ ସଂଯୋଗ ନାମରେ କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ କାକିରିବାଡ଼ି ପଞ୍ଚାୟତର ସୁବୁପୁଲମଣ୍ଡା ଗ୍ରାମବାସୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲାଞ୍ଚ ନେଇଥିବା ଗ୍ରାମବାସୀ ଜିଲାପାଳ ଓ କୋରାପୁଟସ୍ଥିତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ବୁଧବାର ଲିଖିତ ଅଭିଯୋଗ କରିଛନ୍ତି। ବିପିଏଲ୍ ପରିବାରକୁ ମାଗଣାରେ ବିଦ୍ୟୁତ୍ ସଂଯୋଗ ପାଇଁ ଘୋଷଣା କରାଯାଇ ଥିବାବେଳେ ଲାଇନ୍‌ମ୍ୟାନ୍ ରିଙ୍କୁ ଆଚାର୍ଯ୍ୟ ୩୬ ପରିବାରଙ୍କୁ ବିପିଏଲ ଲାଇନ ସଂଯୋଗ କରିବା ପାଇଁ ୩୬,୦୦୦ଟଙ୍କା ଓ ଚାଷ ଜମିରେ ଗଭୀର ନଳକୂପ ପାଇଁ ବିଦ୍ୟୁତ୍ ସଂଯୋଗ ନେଇ ୯ଜଣଙ୍କ ଠାରୁ ୭୧୦୦୦ଟଙ୍କା ବିନା ରସିଦରେ ଆଦାୟ କରିଥିବା ଅଭିଯୋଗ ହୋଇଛି। ଏସଡିଓ ତୁଷାରକାନ୍ତ ଠାକୁରଙ୍କୁ ପଚାରିବାରୁ ଅଭିଯୋଗ ପହଞ୍ଚିବା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

■ ବୋଲେରୋ ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ ଘଟଣା

# ୧୮ ଘଣ୍ଟା ପରେ ମେଡିକାଲରୁ ଉଠିଲା ମୃତଦେହ

ପଟ୍ଟାଙ୍ଗି,୩।୭(ଡି.ଏନ୍.ଏ.)

ବୋଲେରୋ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମହିଳାଙ୍କ ମୃତଦେହ ଦୀର୍ଘ ୧୮ ଘଣ୍ଟା ପରେ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ୟବଚ୍ଛେଦ ଗୃହରୁ ଉଠିଛି। ମୃତ ମହିଳାଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ରାତିସାରା ମୃତଦେହ ଜଗିରହିଥିବା ବେଳେ ଗାଁରେ ଚୁଲି ଲାଗି ନଥିଲା। ସେମାନେ କ୍ଷତିପୂରଣ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଶିଶାଗୁଡ଼ା ନିକଟରେ ବୋଲେରୋ ଧକ୍କାରେ ଉକ୍ତ ଗ୍ରାମର ଶିଶା ଶାମଙ୍କ ସ୍ତ୍ରୀ ରାଧାଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ ମଧ ସେମାନେ କ୍ଷତିପୂରଣ

## ଗାଡ଼ି ମାଲିକ ୮୦ ହଜାର ଟଙ୍କା କ୍ଷତିପୂରଣ ଦେବେ



ମୃତକଙ୍କ ସ୍ୱାମୀଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ଚେକ୍ ଦିଆଯାଉଛି।

ଦାବିକରି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ମୃତଦେହ ଉଠାଇ ନଥିଲେ। ବୁଧବାର ସଦର ସରପଞ୍ଚ ଭଗବାନ ଖରାଙ୍କ ଅଧକ୍ଷତାରେ ଥାନାରେ ବୈଠକ ବସିଥିଲା। ସେଥିରେ ଏସ୍‌ଆଇ ବିନୟ ରୟ, ତହସିଲଦାର ଡ. ଅରୁଣ ଖଣ୍ଡା, ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ ଉପସ୍ଥିତ ଥିଲେ। ଦୁର୍ଘଟଣା ଘଟାଇଥିବା ଗାଡ଼ି ମାଲିକଙ୍କଠାରୁ ୧୦ ଲକ୍ଷ କ୍ଷତିପୂରଣ ଦାବି କରିଥିଲେ ମୃତକଙ୍କ ସମ୍ପର୍କୀୟ। କିନ୍ତୁ ଶେଷରେ ଗାଡ଼ି ମାଲିକ ୮୦ ହଜାର ଟଙ୍କା ଓ ରେଡକ୍ରସ ପାଣଠିରୁ ୧୦ ହଜାର ଟଙ୍କା ଦିଆଯିବା ପାଇଁ ସ୍ଥିର ହେବା ପରେ ମୃତଦେହ ଉଠିଥିଲା। ମୃତକଙ୍କ ପରିବାର ବୀମା ରାଶି ପାଇବା ନେଇ ପୋଲିସ ସମସ୍ତ କାଗଜପତ୍ର ପ୍ରସ୍ତୁତ କରି ଶୀଘ୍ର ଦେବାରେ ସହଯୋଗ କରିବ ବୋଲି ଏସ୍‌ଆଇ ରୟ କହିଥିଲେ। ପରେ ତହସିଲ କାର୍ଯ୍ୟାଳୟର ରେଭିନ୍ୟୁ ସୁପରଭାଇଜର ଭାସ୍କର ଚନ୍ଦ୍ର ଗମାଙ୍ଗ,ରାଜସ୍ୱ ନିରୀକ୍ଷକ କୈଳାସ ଗାଦବା, ସରପଞ୍ଚ ଭଗବାନ ଖରା ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କାର ଚେକ୍ ମୃତକଙ୍କ ସ୍ୱାମୀ ଶାମ ଶିଶାଙ୍କୁ ପ୍ରଦାନ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ଜୁଲାଇ ୪/୨୦୧୯ Rayagada, Thursday, July 4 / 2019




# ଗୋଟିଏ ଦିନରେ ୨୫୮ କିଲୋ ଗଞ୍ଜେଇ ଜବତ

## ଏସ୍‌ପିଙ୍କ ଖବରଦାତା ସମ୍ମିଳନୀ

- ପୃଥକ୍ ଘଟଣାରେ କାଳିମେଳାରୁ ୨, ମୁଦୁଲିପଡାରୁ ୨ ଅଭିଯୁକ୍ତ ଗିରଫ
- ୨ କାର ସମେତ ୪ ମୋବାଇଲ ଓ ନଗଦ ୧ଲକ୍ଷ ଜବତ


ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନେ।

ମାଲକାନଗିରି, ୩।୭(ଡି.ଏନ୍.ଏ.)

ମାଲକାନଗିରିର ବିଭିନ୍ନ ଅଞ୍ଚଳରୁ ମଙ୍ଗଳବାର ରାତିରେ ପୋଲିସ ୨୫୮ କିଲୋ ଗଞ୍ଜେଇ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ୨ଟି ଚାରି ଚକିଆ ଯାନ, ୪ଟି ମୋବାଇଲ ଓ ୧ଲକ୍ଷ ଟଙ୍କା ପୋଲିସ ଜବତ କରଛି। ଏ ନେଇ ଏସ୍‌ପି ଜଗମୋହନ ମୀନା ବୁଧବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଏମ.ଭି–୩୪ ଗ୍ରାମର ମନୋଜ କୁମାର ମଜୁମଦାର (୨୨) ଓ ମନୋଜ ବିଶ୍ୱାସ(୩୮), ଟୋଟାଗୁଡ଼ା ଗ୍ରାମର ସୁବାସ ଖରା(୩୭) ଓ ଏମ୍‌ଭି–୮୬ ଗ୍ରାମର ରିତ ସିକଦାର(୩୦)।

ପ୍ରକାଶ ଯେ, କାଳିମେଳା ଥାନା ଭାରପ୍ରାପ୍ତ ନିରୀକ୍ଷକ ଚନ୍ଦ୍ରଶେଖର ଶବର ଅନ୍ୟ କର୍ମଚାରୀଙ୍କ ସହ ସ୍ଥାନୀୟ ପୁଲିମେଟଲା କେନାଲ ରାସ୍ତାରେ ମଙ୍ଗଳବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଏକ ମହିନ୍ଦ୍ରା ମାର୍ଶାଲ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ଏହି ସମୟରେ ଗାଡ଼ିରୁ ୯୩ କିଲୋ ଗଞ୍ଜେଇ ଜବତ କରିଥିଲେ। ପୋଲିସ ମନୋଜ କୁମାର ମଜୁମଦାର ଓ ମନୋଜ ବିଶ୍ୱାସଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଗୋଟିଏ ମୋବାଇଲ ଓ ୧ଲକ୍ଷ ଟଙ୍କା ଜବତ କରିବା ସହ ଗଞ୍ଜେଇ ଚାଲାଣ ପାଇଁ ବ୍ୟବହୃତ ହୋଇଥିବା ଗାଡ଼ିକୁ ପୋଲିସ ଜବତ କରିଥିଲା। ସେହିଭଳି ମୁଦୁଲିପଡ଼ା ଥାନା ଭାରପ୍ରାପ୍ତ ନିରୀକ୍ଷକ ଯୁଗଳ କିଶୋର ଶବର ଓ କର୍ମଚାରୀମାନେ ଗୌଡ଼ଗୁଡ଼ା ଛକ ନିକଟରେ ପାଟ୍ରୋଲିଂ କରୁଥିବାବେଳେ ଏକ କାର ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୧୬୫ କିଲୋଗ୍ରାମ ଗଞ୍ଜେଇ ପୋଲିସ ଜବତ କରିଥିଲା। ପୋଲିସ ସୁବାସ ଖରା ଓ ରିତ ସିକଦାରଙ୍କୁ ଗିରଫ କରିଥିଲା। ପୋଲିସ ସେମାନଙ୍କଠାରୁ ୩ଟି ମୋବାଇଲ ଓ ସଂପୃକ୍ତ କାର ଜବତ କରିଛି। ଏ ନେଇ କାଳିମେଳା ଥାନାରେ ୧୦୩/୧୯ ଓ ମୁଦୁଲିପଡ଼ା ଥାନାରେ ୪୫/୧୯ରେ ମାମଲା ରୁଜୁ କରିଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ହୃଷୀକେଶ ଡି.କିଲାରୀଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଆଜି ଶ୍ରୀଜୀଉଙ୍କ ଘୋଷଯାତ୍ରା

## ଶୃଙ୍ଖଳିତ ରଥଯାତ୍ରା ପାଇଁ ପ୍ରଶାସନ, ପୋଲିସ ପ୍ରସ୍ତୁତ

ମାଲକାନଗିରି, ୩।୭(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ୨ଟି ଜଗନ୍ନାଥ ମନ୍ଦିରରେ ଗୁରୁବାର ରଥଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଦୁର୍ଗାଗୁଡି ସାହିସ୍ଥିତ ଜଗନ୍ନାଥ ମନ୍ଦିରର ରଥକାମ ତହସିଲଦାର ଡ. ଗୁଣନିଧି ନାୟକଙ୍କ ତତ୍ତ୍ୱାବଧାନରେ ଚାଲିଛି। ବୁଧବାର ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ରଥଯାତ୍ରା ପ୍ରସ୍ତୁତି ତଦାରଖ କରିଥିଲେ। ଏଥିସହ ମନ୍ଦିର ପରିଚାଳନା କମିଟି ସହ ଆଲୋଚନା କରିଥିଲେ। ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଘୋଷ ଯାତ୍ରା ଶେଷ କରିବା, ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା, ପହଣ୍ଡି ବିଜେ କାର୍ଯ୍ୟ ଶେଷ କରିବାକୁ ଅତିରିକ୍ତ ଜିଲାପାଳ ପୂଜକମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଚିଦାନନ୍ଦ ସାହି ଜଗନ୍ନାଥ ମନ୍ଦିରର ରଥକାର୍ଯ୍ୟ ଶେଷ ହୋଇଛି। ରଥଯାତ୍ରାକୁ ସୁରୁଖୁରୁରେ ଶେଷ କରିବାକୁ ପ୍ରସ୍ତୁତି ଚାଲିଛି। ସମସ୍ତ କାର୍ଯ୍ୟକୁ ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ ତଦାରଖ କରୁଛନ୍ତି। ଘୋଷଯାତ୍ରାରେ ଉଭୟ ରଥକୁ ସୁରକ୍ଷା, ଶାନ୍ତିଶୃଙ୍ଖଳା, ଯାନବାହନ ନିୟନ୍ତ୍ରଣ ପାଇଁ ୫ ପ୍ଲାଟୁନ ପୋଲିସ ନିୟୋଜିତ ହୋଇଛନ୍ତି। ମାଲକାନଗିରି ଥାନା ଭାରପ୍ରାପ୍ତ ନିରୀକ୍ଷକ ରଞ୍ଜନ କୁମାର ସାହୁଙ୍କ ନେତୃତ୍ୱରେ ବଡଦାଣ୍ଡରେ ମକ୍‌ଡ୍ରିଲ କରାଯାଇଛି। ଏଥି ସହ ବୁଧବାରଠାରୁ ଛତିଶଗଡରୁ ମାଲକାନଗିରି, କାଲିମେଳା, ପଡିଆ ଅଞ୍ଚଳରୁ ଆସୁଥିବା ଯାନବାହନକୁ ଯାଞ୍ଚ କରାଯାଉଛି। ପୌର ପରିଷଦ ପକ୍ଷରୁ ସହର ସଫେଇ କରାଯାଉଛି।


ଦୁର୍ଗାଗୁଡି ସାହି ରଥ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

